## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ଆସବାବପତ୍ର



**ବିଷମକଟକ,୧୩।୧୨**-ରାୟଗଡ଼ା ଜିଲା ବିଷମକଟକ ସଦରସ୍ଥିତ ଡୁକୁମରୋଡ୍ ସାହିରେ ଶୁକ୍ରବାର ଜଣଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ଆହତ ହୋଇ ନ ଥିବାବେଳେ ବହୁ ଆସବାବ ପତ୍ର ପୋଡ଼ି ନଷ୍ଟ ହୋଇଛି। ଘଟଣାରୁ ପ୍ରକାଶ ଯେ, ସାହିରେ ରହୁଥିବା ଝିଗିଡ଼ି ପଞ୍ଚାୟତର ଏଏନ୍‌ଏମ୍ କର୍ମୀ ରଞ୍ଜିତା ସାହୁ ଘରେ ନ ଥିବା ବେଳେ ଘର ମଧ୍ୟରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। । ଫଳରେ ଅନେକ ମୂଲ୍ୟବାନ ଜିନିଷ ପୋଡ଼ିବାରୁ ରକ୍ଷା ହୋଇପାରିଛି। ଠାକୁର ଘରେ ଲାଗିଥିବା ଦୀପରୁ ଏହି ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ୨ ଜଣଙ୍କୁ ଧକ୍କା ଦେଲା କାର୍
#### ଆହତଙ୍କୁ ଡାକ୍ତରଖାନା ନେଲେ ଏସ୍‌ଡିପିଓ

**ଛତ୍ରପୁର,୧୩।୧୨(ଡି.ଏନ.ଏ):** ରମ୍ଭା ଥାନା ଅଧୀନ ଜାତୀୟ ରାଜପଥ ବୁରୁଡି ନିକଟରେ ଶୁକ୍ରବାର ଏକ କାର୍ ଭାରସାମ୍ୟ ହରାଇ ଦୁଇ ଜଣଙ୍କୁ ଧକ୍କା ଦେଇଥିଲା । ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ଛତ୍ରପୁର ଏସଡିପିଓ ଗୌତମ କିଶାନ ଆହତଦ୍ୱୟଙ୍କୁ ଉଦ୍ଧାର କରି ନିଜ ଗାଡିରେ ଡାକ୍ତରଖାନାକୁ ଆଣିଥିବା ଦେଖାଯାଇଥିଲା। ଆହତମାନେ ହେଲେ ବୁରୁଡି ଗାଁର କାମେଶ୍ୱର ନାହାକ(୭୦) ଓ ରମ୍ଭାର ସୀମାଞ୍ଚଳ ପାଣି (୩୦)। ପ୍ରକାଶ ଯେ, କାର (ନଂ.ଓଡି୦୭ ଜେଡ୍ ୨୧୧୫) ଟି ପ୍ରଥମେ ସ୍କୁଲରୁ ବାଇକ ଯୋଗେ ଫେରୁଥିବା ଶିକ୍ଷକ ସୀମାଞ୍ଚଳଙ୍କୁ ଧକ୍କା ଦେଇ ପରେ ଭାରସାମ୍ୟ ହରାଇ ରାସ୍ତା ନିକଟରେ ଛିଡା ହୋଇଥିବା କାମେଶ୍ୱରଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ କାର୍ ଛାଡି ଚାଳକ ଫେରାର ହୋଇଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଛତ୍ରପୁର ଏସଡିପିଓ ଆହତଦ୍ୱୟ ରାସ୍ତାରେ ପଡିଥିବା ଦେଖି ସେମାନଙ୍କୁ ନିଜ ଗାଡିରେ ବସାଇ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ କାମେଶ୍ୱରଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ରମ୍ଭା ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛି।

### ରାଜସ୍ୱ ଅଧିକାରୀଙ୍କ ବଦଳି

**ଗୁଣପୁର,୧୩।୧୨(ଡି.ଏନ୍.ଏ.)**-ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ଅଧିକାରୀଙ୍କ ବଦଳି କରିଛନ୍ତି । ଏହି କ୍ରମରେ ଗୁଣପୁର ଉପଜଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀଙ୍କୁ ରାୟଗଡା ଉପଜିଲାପାଳ ଙ୍କ କାର୍ଯ୍ୟାଳୟକୁ ସହକାରୀ ଜିଲାପାଳ ଭାବେ ବଦଳି କରାଯାଇଛି । ସେହିପରି ସେମିଳିଗୁଡାଠାରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଲକ୍ଷ୍ମୀ ନାରାୟଣ ଶାବତଙ୍କୁ ଗୁଣପୁର ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଶୁକ୍ରବାର ଏହି ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଆକ୍ରମଣ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୩।୧୨(ଡି.ଏନ.ଏ.):** ଆକ୍ରମଣ ମାମଲାରେ ଦିଗପହଣ୍ଡି ବ୍ଲକ କେ.ସାମନ୍ତରାପୁର ଗାଁର ଜି. ମିଟୁ ରେଡ୍ଡୀଙ୍କୁ ଦିଗପହଣ୍ଡି ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ମାମଲା ନଂ. ୨୬୯/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇଯାଇଛି।

ଗତ ମଙ୍ଗଳବାର ସନ୍ଧ୍ୟାରେ ଜି.ନିରଞ୍ଜନ ରେଡ୍ଡୀଙ୍କ ଧାନ ଅଖାରୁ ବହୁ ସଂଖ୍ୟକ କୁକୁଡ଼ା ଧାନ ଖାଇ ଦେବାରୁ ସେ କୁକୁଡ଼ାଗୁଡ଼ିକୁ ପଥର ମାରିଥିଲେ। ଏହା ଦେଖି କୁକୁଡ଼ା ପୋଷିଥିବା ଗାଁର ମିଟୁ ନିରଞ୍ଜନଙ୍କୁ ଗାଳି ଗୁଲଜ କରି ବ୍ଲେଡରେ ଆକ୍ରମଣ କରିଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ନିରଞ୍ଜନଙ୍କ ବାପା ଗଣପତି ଗୁରୁବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# କୁକୁଡ଼ା ଫାର୍ମ ହଟାଇବା ଦାବିରେ ଧାରଣା

**ପାଟପୁର,୧୩।୧୨**



ଗ୍ରାମବାସୀଙ୍କ ଧାରଣା।

ସାନଖେମୁଣ୍ଡି ବ୍ଲକ ପଟିଗୁଡା ପଞ୍ଚାୟତ ସିନ୍ଦୁପୁର ଗ୍ରାମବାସୀ ରୋଗରୁ ମୁକ୍ତ ପାଇଁ ଗୁରୁବାର ଗାଁରେ ଥିବା ଏକ କୁକୁଡ଼ା ଫାର୍ମ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମରୁ କୁକୁଡ଼ା ଫାର୍ମ ହାଇବାକୁ ସେମାନେ ଦାବି କରିଥିଲେ। କିନ୍ତୁ ଦାବି ପୂରଣ ନ ହେବାରୁ ଶୁକ୍ରବାର ସିନ୍ଦୁରପୁରବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ସକାଳ ୫ଟାରୁ ଫାର୍ମର ସମସ୍ତ କର୍ମଚାରୀଙ୍କୁ ବାହାରକୁ ଆଣି ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫାଟକ ସମ୍ମୁଖରେ ଧାରଣାକାରୀ ରୋଷେଇ କରି ଖାଇବା ସହ ଦାବି ପୂରଣ ନ ହେଲେ ଧାରଣାରୁ ହଟିବୁ ନାହିଁ ବୋଲି କହିଥିଲେ।

ଗାଁକୁ ଲାଗି ରହିଥିବା ଏକ କୁକୁଡ଼ାଫାର୍ମରୁ ବାହାରୁଥିବା ଦୁର୍ଗନ୍ଧ ପରିବେଶକୁ ଦୂଷିତ କରିବା ସହ କୁଢକୁଢ ମାଛି ଖାଦ୍ୟ ପାନୀୟରେ ପଡିବା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଶିକ୍ଷାଦାନରେ ବାଧା ସୃଷ୍ଟି ଓ ଗ୍ରାମରେ ଝାଡାବାନ୍ତି ହେଉଥିବାରୁ ଏହାକୁ ବନ୍ଦ କରିବାକୁ ଦାବି କରି ଫାର୍ମ ସମ୍ମୁଖରେ ଉକ୍ତ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମର ଲୋକେ ବସିଥିଲେ। କୁକୁଡ଼ାଫାର୍ମ କର୍ତ୍ତୃପକ୍ଷ ଗାଁରେ ବୁଲି ଏକ ଖାଲି କାଗଜରେ ସମସ୍ତଙ୍କ ଦସ୍ତଖତ ନେଇ ଏହି ଜମିରେ ଛେଳି ଫାର୍ମ କରିବା କହି କୁକୁଡ଼ାଫାର୍ମ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପାଟପୁର ଆଇଆଇସି ଅଜୟ କୁମାର ବାରିକ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଭି.ଏଚ.ପି.ଏଲ କମ୍ପାନୀର ଶାଖା ଉତ୍ପାଦନ ଅଧିକାରୀଙ୍କ ସମେତ କୁକୁଡ଼ାଫାର୍ମର ଉଚ୍ଚ କର୍ତ୍ତୃପକ୍ଷ ପହଞ୍ଚି ଦୁଇ ଦିନ ମଧ୍ୟରେ ଥିବା କୁକୁଡ଼ା ସ୍ଥାନାନ୍ତରଣ ସହ ସେଠାରେ ଫାର୍ମ ବନ୍ଦ କରାଯିବ, ମାଛି ନିରାକରଣର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

■ ପୋଡ଼ାଗଡ ଚାରିଟେବୁଲ ଟ୍ରଷ୍ଟର ଖବରଦାତା ସମ୍ମିଳନୀ

# ପର୍ଯ୍ୟଟନସ୍ଥଳୀ ବିକାଶ ଅର୍ଥ ହଡ଼ପ ଅଭିଯୋଗ

**ଉମରକୋଟ, ୧୩।୧୨ (ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ପୋଡାଗଡ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ।

ନବରଙ୍ଗପୁର ଜିଲାର ପୁରାତନ ପିଠସ୍ଥଳୀର ପାନ୍ଥଶାଳାରେ ପୋଡାଗଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୋଦାଗଡର ପର୍ଯ୍ୟଟନସ୍ଥଳୀର ବିକାଶ ସକାଶେ ୨୦୧୮ ଜାନୁୟାରୀରେ ୪୩ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା, କିନ୍ତୁ ଏଯାବତ୍ ଏହି ଟେଣ୍ଡର ବାବଦରେ କୌଣସି ବିକାଶ କାର୍ଯ୍ୟକ୍ରମ ହୋଇନାହିଁ। ଏହି ଅନୁଦାନ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ଆଇଟିଡିଏ ପକ୍ଷରୁ ୩୦ ଲକ୍ଷ ଟଙ୍କାରେ ପାନ୍ଥଶାଳା ନିର୍ମାଣ କରାଯାଇଛି। ନିର୍ମାଣ ସରିବାକୁ ବିଥିଲେ ସୁଦ୍ଧା ଏଠାରେ ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନାହିଁ ବୋଲି ଅଭିଯୋଗ କରାଯାଇଛି। ସଂଗ୍ରହାଳୟ ଭିତରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନାହିଁ, ଏଥିସହ ସ୍ଥାନୀୟ ଜନଜାତିମାନେ ପୋଡାଗଡର ଐତିହ୍ୟକୁ ସୁରକ୍ଷା ଦେବା ସହ ସେବା ଯୋଗାଉଛନ୍ତି। କିନ୍ତୁ ସେମାନଙ୍କୁ କୌଣସି ସୁବିଧା ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ପାହାଡରେ ରୋପୱେ ବ୍ୟବସ୍ଥା, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା କରିଲେ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ଜମନ୍ତା ବୋଲି ମତ ପ୍ରକାଶ ପାଇଛି। ପର୍ଯ୍ୟଟନ ବିଭାଗ ତରଫରୁ ଜଣେ ଗାଇଡ୍ ନିଯୁକ୍ତି କରାଯାଇଛି କିନ୍ତୁ ଆଜିଯାଏ ଏହି ଗାଇଡ୍‌କୁ କେହି ଦେଖି ନ ଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନଠାରୁ ପୋଡାଗଡ ସୁରକ୍ଷା ଓ ଖନନ କରି ସ୍ୱର୍ଣ୍ଣିମା ଇତିହାସକୁ ଲୋକଲୋଚନକୁ ଆଣିବାକୁ ଦାବି ହୋଇଛି। ଏପରି ନ ହେଲେ କେହି ନବରଙ୍ଗପୁରର ଇତିହାସ ଆଉ କେବେ କେହି ଜାଣିପାରିବେ ନାହିଁ ବୋଲି ମତ ପ୍ରକାଶ ପାଇଛି। ଏହି ଖବରଦାତା ସମ୍ମିଳନୀରେ ୯୩ ମୌଜାର ଗାଣ୍ଡା, ପୂଜାରୀ, ମାଝି, ଗାଉଟିୟ, ଶିରା ସହ ବହୁ ସେବାୟତ ଯୋଗ ଦେଇଥିଲେ। ପୋଡାଗଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉଦ୍ଧବ ନାୟକ, ପୁରୁଷୋତ୍ତମ ଭତ୍ରା, ଜଗଦୀଶ ନାୟକ, ତୁଲସି ରାମ ଭତ୍ରା, କୈଳାଶ ବେହେରା, ଈଶ୍ୱର ଭତ୍ରା, କୃଷ୍ଣ ପୂଜାରୀ, ନାରାୟଣ ପୂଜାରୀ, ଖଜା ଶିରା, ସୁକାଲୁ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।

# ହାଟମୁନିଗୁଡା ମଣ୍ଡିରୁ କିଣାଗଲା ୨୭୦୧ କୁଇଣ୍ଟାଲ ଧାନ



ମଣ୍ଡିରେ ଧାନ କିଣା ଚାଲିଛି ।

**ବିଷମକଟକ, ୧୩।୧୨**

ବିଷମକଟକ ବ୍ଲକର ହାଟମୁନିଗୁଡା ମଣ୍ଡିରେ ଶୁକ୍ରବାର ଧାନ କିଣା ହୋଇଛି। ଏଠାରେ ୨୫ଜଣ ଚାଷୀଙ୍କଠାରୁ ୨୭୦୧ କୁଇଣ୍ଟାଲ ଧାନ କିଣାଯାଇଛି। ଉକ୍ତ ଧାନକୁ ୬ଜଣ ମିଲରଙ୍କ ମଧ୍ୟରେ ସମାନ ଭାବେ ବଣ୍ଟାଯାଇଛି ବୋଲି ଲ୍ୟାମ୍ପସ ଏମ୍.ଡି. ଶିବଶଙ୍କର ପଣ୍ଡୁ ସୂଚନା ଦେଇଛନ୍ତି । ବ୍ଲକରେ ଅଧିକାଂଶ ଚାଷୀଙ୍କ ନାମ ପଞ୍ଜୀକରଣରୁ ବାଦ୍ ପଡିଥିବାରୁ ମଣ୍ଡିରେ କିଛି ସମୟ ପାଇଁ ଚାଷୀମାନେ ହଟଗୋଳ କରିଥିଲେ। ଚାଷୀମାନଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିବା ପରେ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଆନ୍‌ଲାଇନ୍‌ରେ କରାଯାଉଛି। ନେଟ୍‌ୱର୍କ କାମ ନ କରିବାରୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ଅପରାହ୍ନରେ ଧାନକିଣା ଆରମ୍ଭ ହୋଇଥିଲା।

# ରେଳଷ୍ଟେଶନ ରାସ୍ତା ଶୋଚନୀୟ

**ଟିକିରି,୧୩।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଟିକିରି ରେଳଷ୍ଟେନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ଦିନରୁ ଏହାର ମରାମତି କରାଯାଇ ନ ଥିବାରୁ ରାସ୍ତାରୁ ପଥର ବାହାରି ପଡିଛି। ଟିକିରିରୁ ରେଳଷ୍ଟେଶନକୁ ଯାଉଥିବା ପ୍ରାୟ ଏକ କିମି ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇ ଯାତାୟାତରେ ଅସୁବିଧା ହେଉଛି। ଆବୁଡାଖାବୁଡା ରାସ୍ତା ଯୋଗୁ ଦୁର୍ଘଟଣା ଘଟୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଲୋକ ଯା ଆସ କରୁଛନ୍ତି। ରେଳ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ଗତ ଦିନରେ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ଏବେ ମରାମତି ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାକୁ ଶୀଘ୍ର ମରାମତି କରିବା ସହ ଏହାର ନବୀକରଣ ଦିଗରେ ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଡିଓଙ୍କୁ ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ ।

**ପଦ୍ମପୁର,୧୩।୧୨(ଡି.ଏନ୍.ଏ.)**

ପଦ୍ମପୁର ବ୍ଲକ୍‌ରେ ନୂତନ ବିଡିଓ ରୂପେ ଶୁକ୍ରବାର ଦୟାମୟ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ବ୍ରହ୍ମପୁର ତହସିଲଦାର ଦାୟିତ୍ୱରେ ଥିଲେ। ଏଠାରେ ବିଡିଓ ଦାୟିତ୍ୱରେ ଥିବା ଅଗସ୍ତୀ ପ୍ରଧାନଙ୍କୁ କନ୍ଧମାଳ ଜିଲାର ତୁମୁଡିବନ୍ଧକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ପାଢ଼ୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ସ୍ଥାନୀୟ ବ୍ଲକ୍ ସଦ୍‌ଭାବନା ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ପୂର୍ବତନ ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ପୂର୍ବତନ ବିଡିଓ ଅଗସ୍ତୀ ପ୍ରଧାନ, ନୂତନ ବିଡିଓ ଦୟାମୟ ପାଢ଼ୀ, ତହସିଲଦାର ନୀଳମାଧବ ମାଝି, ବ୍ଲକ୍ ଅଧକ୍ଷ ରମାକାନ୍ତ ମାଝି, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଓ ଏପିଓ ବିଶିକେଶନ ଲିମା ମଞ୍ଚାସୀନ ଥିଲେ। ଇଂ. ପ୍ରତାପ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ବିଡିଓ ପ୍ରଧାନଙ୍କ କାର୍ଯ୍ୟଶୈଳୀ ଓ ବିଚାରଧାରାର ପ୍ରଶଂସା କରାଯିବା ସହ ନୂତନ ଦାୟିତ୍ୱ ପାଇଁ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ମଲିକ, ହରେକୃଷ୍ଣ ପଣ୍ଡା, ଶ୍ୟାମସୁନ୍ଦର ପାଣିଗ୍ରାହୀ, ମୋନାଲିସା ପଣ୍ଡା, ଲୋକନାଥ ଯାଦବଙ୍କ ସମେତ ସମସ୍ତ ବ୍ଲକ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

# ନିରଞ୍ଜନଙ୍କ ପରିବାରର ଜଣକୁ ଚାକିରି ଦାବି: ବିଇଓଙ୍କୁ ଦାବିପତ୍ର



ବିଇଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

**ପଦ୍ମପୁର,୧୩।୧୨(ଡି.ଏନ୍.ଏ.)**

ରାଜ୍ୟସ୍ତରୀୟ ସମାବେଶରେ ମୟୂରଭଞ୍ଜ ଜିଲାର ଏକ୍ସକ୍ୟାଡର ଜିଲା ଶିକ୍ଷକ ସଂଘର ସଭାପତି ତଥା ରାଜ୍ୟସ୍ତରୀୟ ଶିକ୍ଷକ ସଙ୍ଗଠନର ସଭ୍ୟ ନିରଞ୍ଜନ ବାରିକଙ୍କ ହୃଦଘାତରେ ପରଲୋକ ଘଟିଥିଲା। ଏ ନେଇ ଶୁକ୍ରବାର ପଦ୍ମପୁର ବ୍ଲକ୍ ଏକ୍ସକ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ସଭାପତି ସୁରେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ନେତାଙ୍କର ପରିବାରର ଜଣଙ୍କୁ ଚାକିରି ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ଏବିଇଓ ରାମଚନ୍ଦ୍ର ବେହେରା, ପଦ୍ମପୁର (ଏନପିଏସ) ଶିକ୍ଷକ ସଂଘ ସଭାପତି ରଘୁନାଥ ମିଶ୍ର, ସମ୍ପାଦକ ଦିଲୀପ କୁମାର କର, ସହ ସମ୍ପାଦକ ଗୌରୀ ମିଶାଲ, ଉପଦେଷ୍ଟା ଶାନ୍ତନୁ ଦାଶ, ସୁନିତା ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା, ପି. ବିଶ୍ୱନାଥ, ଦିଲୀପ ଗମାଙ୍ଗ, ମହନ ରାଓ ମିଶାଲ, ଶ୍ରୀନିବାସ ସିମାଦ୍ରୀଙ୍କ ସହ ଏକ୍ସକ୍ୟାଡର ଶିକ୍ଷକ ସଂଘର ସମ୍ପାଦକ ବୁଦ୍ଧିମନ୍ତ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ନାଥ ପାଲକା, ମାଝି ବାଉରିଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
**୧୪ ଡିସେମ୍ବର, ୨୦୧୯**

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

**ସାଧାରଣ ସଭା**
**ସମୟ – ସନ୍ଧ୍ୟା ଘ.୫.୩୦ ମି.** **ସ୍ଥାନ – ଜୟଦେବ ଭବନ**

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା – **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ – **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ପୋଡ଼ିଦେଲେ ଧାନଗଦା

ବୋରିଗୁମ୍ମା,୧୩।୧୨(ଡି.ଏନ୍.ଏ.): ବୋରିଗୁମ୍ମା ଥାନା ଧୁଡ଼ସାପଲ୍ଲା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ତେଜିଛି। ଏଥିରେ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଧାନଗଦାରେ ନିଆଁ ଲଗାଇ ଦେଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି। ଗୁରୁବାର ବିଳମ୍ବିତ ରାତିରେ ଗ୍ରାମର ତ୍ରିପତି ହରିଜନଙ୍କ ଖଳାରେ ଥିବା ୧୨ରୁ ଊର୍ଦ୍ଧ୍ୱ ଧାନକୁପାରେ ଆକସ୍ମିକ ନିଆଁ ଲାଗିଥିଲା। ଖବର ପାଇ ବୋରିଗୁମ୍ମା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ଖଳାରେ ଥିବା ଅଧିକାଂଶ ଧାନ କୁପା ପୋଡ଼ିଯାଇଛି। ଏଥିରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଲକ୍ଷାଧିକ ଟଙ୍କାର ଧାନ ଜଳି ପାଉଁଶ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର କେଶବ ହରିଜନ ଏଭଳି ନିଆଁ ଲଗାଇଥିବା ବୋରିଗୁମ୍ମା ଥାନାରେ ଅଭିଯୋଗ କରିଛନ୍ତି ତ୍ରିପତି ହରିଜନ। ସେପଟେ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ କେଶବ ମଧ ତ୍ରିପତିଙ୍କ ନାମରେ ପାଲଟା ଅଭିଯୋଗ ଆଣିଥିବା କହିଛନ୍ତି ଥାନା ଅଧିକାରୀ। ଉଭୟଙ୍କ ଅଭିଯୋଗରେ ସତ୍ୟତା କେତେ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡରେ ହୋଇଥିବା କ୍ଷତିର ଭରଣା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି କ୍ଷତିଗ୍ରସ୍ତ ତ୍ରିନାଥ, ପୀତବାସ ହରିଜନ।

### ମହିଳାଙ୍କ ବ୍ୟାଙ୍କଖାତାରୁ ଟଙ୍କା ହଡ଼ପ ନେଇ ତଦନ୍ତ

ଜୟପୁର,୧୩।୧୨(ଡି.ଏନ୍.ଏ.): ଜୟପୁର ବ୍ଲକ ଗାଗନାପୁରର ଜଣେ ବିଧବାଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କଖାତାରୁ ବାରମ୍ବାର ଟଙ୍କା ଉଠାଯାଇଛି। ଏହି ମାମଲା ଟାଉନଥାନା ପୋଲିସ ଶୁକ୍ରବାର ତଦନ୍ତ ଆରମ୍ଭ କରିଛି। ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ମାଝି ବ୍ୟାଙ୍କ ଅଫ ଇଣ୍ଡିଆର ସ୍ଥାନୀୟ ଶାଖାରେ ପହଞ୍ଚି ତଦନ୍ତ କରିଛନ୍ତି । ମହିଳାଙ୍କ ଆଙ୍ଗୁଠି ଛାପ ନିଆଯାଇ ୧ ଲକ୍ଷ ୩୦ ହଜାର ଟଙ୍କା ଉଠାଯାଇଥିବା ବେଳେ ବାକି ୨ ଲକ୍ଷ ୮୧ ହଜାର ଟଙ୍କା ଏଟିଏମ୍ ଦ୍ୱାରା ଉଠାଯାଇଛି। ମହିଳା ଦଇମତି ଜାନୀ ନିରକ୍ଷର ଥିବାରୁ ତାଙ୍କ ଏଟିଏମ୍ ଓ ଜମାଖାତା ଦିଅର ଭୀମଙ୍କ ପାଖରେ ରହୁଥିଲା। ତାଙ୍କ ଟଙ୍କା ହଡ଼ପ ଘଟଣାରେ ଗାଗନାପୁର ଗ୍ରାମର କେତେକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରିଛି। ବ୍ୟାଙ୍କ ଓ ଏଟିଏମ୍‌ର ସମସ୍ତ ଭିଡିଓ କ୍ଲିପିଂ ନେଇ ଯାଞ୍ଚ କରାଯିବ।

# ବିପଦରେ ବ୍ରିଟିଶ ଅମଳର ପୋଲ

## ■ ନୂଆ ପୋଲ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ

ଜୟପୁର,୧୩।୧୨(ନି.ପ୍ର.)



କୋଲାବ ନଦୀ ଉପରେ ଥିବା ୮୮ ବର୍ଷର ପୁରୁଣା ପାତ୍ରପୁଟ ପୋଲ ।

କୋରାପୁଟ ଜିଲା ଜୟପୁର ନିକଟସ୍ଥ ପାତ୍ରପୁଟଠାରେ ଥିବା ବ୍ରିଟିଶ ଅମଳର ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏପରିକି ଭାରୀଯାନ ଏହା ମଧ୍ୟଦେଇ ଗଲେ ପୋଲ ଥରୁଛି। ଏହି ପୋଲ ବୈପାରିଗୁଡ଼ା, ମାଲକାନଗିରି, ଲମତାପୁଟ ଓ ମାଛକୁଣ୍ଡକୁ ସଂଯୋଗ କରୁଛି। ବିପଦରେ ଥିବା ଯୋଗୁ ଏଠାରେ ନୂଆ ପୋଲ ନିର୍ମାଣ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଗତ ୨୯ ତାରିଖରେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବ ପରେ ତତ୍ପରତା ପ୍ରକାଶ କରି ସର୍ବୋଚ୍ଚ ଯନ୍ତ୍ରୀ ତୁରନ୍ତ ଡିପିଆର ପ୍ରସ୍ତୁତ କରିବାକୁ ଜୟପୁର ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ବିଭାଗ ଏହି ପୁରାତନ ପୋଲ ନିକଟରେ ନୂତନ ପୋଲ କରିବ ନା ସେହିଠାରେ ହେବ, ସେଥିପାଇଁ ପ୍ରସ୍ତୁତ ହେବ ଡିପିଆର। ଯଦି ନୂତନ ପୋଲ ନିର୍ମାଣ କରାଯାଏ, ତେବେ ପୁରାତନ ବ୍ରିଟିଶ ଅମଳର ପୋଲଟିକୁ ଐତିହ୍ୟ ଭାବେ ମାନ୍ୟତା ଦିଆଯିବ। ଏହା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ହେବ କାରଣ ପାତ୍ରପୁଟ ପୋଲ ନିକଟସ୍ଥ ଅଞ୍ଚଳ ପିକନିକ୍ ସ୍ପଟ୍ ଭାବେ ମଧ୍ୟ ପରିଚିତ। ଉଲ୍ଲେଖଯୋଗ୍ୟ, ୧୯୩୧ରେ କୋଲାବ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା। ଦୀର୍ଘ ୮୮ ବର୍ଷ ଧରି ଏହି ପୋଲ ଉପରେ ଦୈନିକ ଶହ ଶହ ଭାରୀଯାନ ଚଳାଚଳ କରୁଥିଲା। ଲୁହାରେ ତିଆରି ହୋଇଥିବା ଏହି ପୋଲ ବର୍ତ୍ତମାନ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରବଳ ବର୍ଷାରେ ଏଥିରେ ଗର୍ତ୍ତ ସୃଷ୍ଟି ହେବା ସହ କ୍ଷମତାଠାରୁ ଅଧିକ ସଂଖ୍ୟକ ମାଲବାହୀ ଟ୍ରକ୍ ଏହା ଉପରେ ଯାତାୟତ କରୁଥିବାରୁ ଏହାର ସ୍ଥାୟିତ୍ୱ ନଷ୍ଟ ହେବାରେ ଲାଗିଥିଲା। ଏହି ପୋଲ ରାଞ୍ଚି-ବିଜୟୱାଡ଼ା କରିଡରକୁ ସଂଯୋଗ କରୁଥିବାରୁ ଆକସ୍ମିକ ଭାବେ ଏହା ଭାଙ୍ଗିଗଲେ ଗମନାଗମନ ଓ ପରିବହନର ମୁଖ୍ୟ ରୁଟ୍ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ତୁରନ୍ତ ନୂତନ ପୋଲ ନିର୍ମାଣ କରାଯିବା ପାଇଁ ଦାବି ହୋଇଥିବା ବେଳେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି।

**ପାତ୍ରପୁଟ ପୋଲ**
- ■ ରାଞ୍ଚି-ବିଜୟୱାଡ଼ା କରିଡରକୁ ସଂଯୋଗ କରୁଛି ଏହି ପୋଲ
- ■ ୧୯୩୧ରେ କୋଲାବ ନଦୀ ଉପରେ ନିର୍ମିତ ହୋଇଥିଲା

# ଖଣିଜ ପଦାର୍ଥ ସଂରକ୍ଷଣ ଓ ପରିବେଶ ସଚେତନତା

ଦାମନଯୋଡ଼ି,୧୩।୧୨(ଡି.ଏନ୍.ଏ.)

ନାଲ୍‌କୋ ମାଇନ୍ସ ପରିବେଶ ବିଭାଗ ଓ ଭୁବନେଶ୍ୱର ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଆଣ୍ଡ ଆଲାଏଡ୍ ଟେକନୋଲୋଜିଷ୍ଟର ମିଳିତ ଆନୁକୂଲ୍ୟରେ ଖଣି ଓ ପରିବେଶଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳର ୧୪ଟି ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନାଲ୍‌କୋ ଇଡି ଇଂ ରବିଶଙ୍କର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ରବିନାରାୟଣ ଉପାଧ୍ୟାୟ, ମାଇନ୍ସ ଜିଏମ୍ ଅରୁଣ କୁମାର ଦାସ, ଡିଜିଏମ୍ ବି.କେ. ଦାସ, ପୁରୁଷୋତ୍ତମ ମହନ୍ତ, ସିଆଇଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପି.ଏସ୍. ରାଠୋର ଉପସ୍ଥିତ ଥିଲେ। ମାଇନ୍ସ ପରିବେଶ ବିଭାଗ ଡିଜିଏମ୍ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲକାରଖାନା ଓ ଖଣିଜ ଦ୍ରବ୍ୟ ଉତ୍ତୋଳନ ସହ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯାଇପାରିବ, ତାହା ଆଲୋକପାତ କରାଯାଇଥିଲା।

# ଗାଡ଼ି ସହ କାଠ ଜବତ, ୩ ଗିରଫ



ଜବତ କାଠ, ଟାଟା ମ୍ୟାଜିକ୍ ସହ ଗିରଫ ଅଭିଯୁକ୍ତମାନେ ।

ଜୟପୁର,୧୩।୧୨(ନି.ପ୍ର.)

ବେଆଇନ ଭାବେ କାଠ ଚାଲାଣ କରାଯାଉଥିବା ବେଳେ ଜୟପୁର ବନାଞ୍ଚଳ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସୁରେଶ ବିଷୋୟୀ, ସୁବାସ ହରିଜନ, ସୁଧାଂଶୁ ସାହୁ। ଟାଟା ମ୍ୟାଜିକ ଗାଡ଼ିରେ ସେମାନେ କାଠ ଚାଲାଣ କରୁଥିବା ବେଳେ ଜୟପୁର ବ୍ଲକ ଅନ୍ତର୍ଗତ କୁନ୍ତରକାଲଠାରେ ଚଢ଼ାଉ କରିଥିଲା ବନ ବିଭାଗ। ଏହି ଚଢ଼ାଉରେ ୯ଟି ସାଇଜ କାଠ ଓ ଏହାକୁ ଚାଲାଣ କରୁଥିବା ଟାଟା ମ୍ୟାଜିକକୁ ଜବତ କରିଥିଲା ବନ ବିଭାଗ। ଏହି ମାମଲାରେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢ଼ାଉରେ ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁ, ଫରେଷ୍ଟର ଦୁର୍ଯ୍ୟୋଧନ ଗଣ୍ଡ, ପ୍ରଶାନ୍ତ ସାମନ୍ତରାୟ, ରାମଚନ୍ଦ୍ର ନେପାକ ଉପସ୍ଥିତ ଥିଲେ।

# ତୃତୀୟ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଜୟପୁର,୧୩।୧୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ତୃତୀୟ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଉମୁରୀ, ଗଡ଼ପଦର, ଏକମ୍ବା, ବାରିଣିପୁଟ, ଧନପୁର, ବଡ଼ଜିଉନା, କାଳିଆଗାଁ, ଫାମ୍ପୁଣି ଭଳି ୮ଟି ପଞ୍ଚାୟତ ଏବଂ ଜୟପୁର ପୌରସଂସ୍ଥାର ୧୯୭ ଜଣ ଭିନ୍ନକ୍ଷମ ଏଥିରେ ପଞ୍ଜିକରଣ କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଯାଇ ୮୯ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୮୧ ଜଣଙ୍କୁ ପରିଚୟପତ୍ର, ୬୨ ଜଣଙ୍କୁ ବସ୍ ପାସ୍ ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ରକ୍ତଭଣ୍ଡାର ପକ୍ଷରୁ ଆୟୋଜିତ ଶିବିରରେ ୧୪ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ସାମର୍ଥ୍ୟ ଶିବିରରେ ଭେଷଜ, ଶିଶୁ, ଅସ୍ଥିଶଲ୍ୟ, ଚକ୍ଷୁ, ନାସା କର୍ଣ୍ଣ ଗଳା, ମସ୍ତିଷ୍କ ବିଶେଷଜ୍ଞମାନେ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜୟପୁର ବିଡିଓ ସୂରଜ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗା ପ୍ରସାଦ ପାତ୍ର, ଜିଲା ମୁଖ୍ୟ କାର୍ଯ୍ୟାଳୟର ସାମାଜିକ ଅଧିକାରୀ ଚନ୍ଦନ ବାରିକ, ବ୍ଲକ ସାମାଜିକ ଅଧିକାରୀ ପ୍ରତିମା ଶବର, ପିଇଓ ଅମ୍ବିକା ପାଢ଼ୀ, ସନାତନ ପଣ୍ଡା ଉପସ୍ଥିତ ଥିଲେ।



ସାମର୍ଥ୍ୟ ଶିବିରରେ ଦିବ୍ୟାଙ୍ଗମାନଙ୍କ ପଞ୍ଜୀକରଣ କରାଯାଉଛି ।

# ଏନ୍‌ଏଚ୍‌ରେ ନିମ୍ନମାନର ନିର୍ମାଣ କାମ

## ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ

ଜୟପୁର,୧୩।୧୨(ନି.ପ୍ର.)

ବହୁ ଦାବି ପରେ ମରଣଜନ୍ତା ପାଲିଟିଥିବା ଜାତୀୟ ରାଜପଥ ୨୬ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ନିର୍ମାଣ କାର୍ଯ୍ୟରେ କୋରାପୁଟ ଘାଟିରେ ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ' ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତିଙ୍କ ନିକଟରେ ଫେରାଦ ହୋଇଛି। ଏନେଇ ତାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜୟପୁର- ବୋରିଗୁମ୍ମା ରାଜରାସ୍ତା କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଛି। କୋରାପୁଟ ଘାଟି ରାସ୍ତା ଅତି ନିମ୍ନମାନର ହୋଇଥିବାବେଳେ କାର୍ଯ୍ୟ ସମୟରେ କନିଷ୍ଠ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ରହୁନାହାନ୍ତି। ରାସ୍ତାର ବହୁ ଜାଗାରେ ପିଚୁ ଠିକ୍ ଭାବେ ପଡ଼ି ନ ଥିବାବେଳେ, ଯେଉଁଠି ପଡ଼ିଛି ସେଠାରେ ସମତଳ ଭାବେ ରହିନାହିଁ। ଯଦ୍ୱାରା ବୁଲାଣିଆ ରାସ୍ତାରେ ଗାଡ଼ି ମୋଟର ଯିବା ଦ୍ୱାରା ପିଚୁ ଉଠିଯାଉଛି । ଏହି ରାସ୍ତା ମାସେ କି ଦୁଇ ମାସ ମଧ୍ୟରେ ପୁଣି ପୁରୁଣା ଅବସ୍ଥାକୁ ଆସିଯିବ। ଏହି ଅଭିଯୋଗ ପରେ ନିର୍ବାହୀ ଯନ୍ତ୍ରୀ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି। ବିଭାଗ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଘେରାଉ କରାଯିବାକୁ ଚେତାବନୀ ଦିଆଯାଇଛି। ଫେରାଦ ସମୟରେ କାର୍ତ୍ତିକ ରାଉତ, ସ୍ୱର୍ଣ୍ଣଲତା ପାଢ଼ୀ, ଶ୍ରୀକାନ୍ତ ପାଢ଼ୀ ଉପସ୍ଥିତ ଥିଲେ।



# ୩୪୯ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ , ଗାଡ଼ି ସହ ଗିରଫ ଅଭିଯୁକ୍ତ ।

ବୈପାରୀଗୁଡ଼ା,୧୩।୧୨(ଡି.ଏନ୍.ଏ.)

ବୈପାରୀଗୁଡ଼ା ପୋଲିସ ଶୁକ୍ରବାର ୩ କୁଇଣ୍ଟାଲ ୪୯ କେଜି ଗଞ୍ଜେଇ ଜବତ କରିଛି । ଏଥିରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ ବୈପାରୀଗୁଡ଼ା-ଜୟପୁର ରାସ୍ତା ବିଚଲକୋଟା ଛକ ନିକଟରେ ଏସ୍‌ଆଇ ରମେଶ ଦେବତାଙ୍କ ନେତୃତ୍ୱରେ ଗାଡ଼ି ଧରପଗଡ଼ ବେଳେ ମାଲକାନଗିରି ପଟୁ ଆସୁଥିବା ଏକ ଲାଲରଙ୍ଗର ଭ୍ୟାନ (ୟୁକେ୦୬ ସିବି ୫୦୭୦)କୁ ଯାଞ୍ଚ କରାଯାଇଥିଲା। ଗାଡ଼ି ଡାଲାରୁ ପୋଲିସ ଗଞ୍ଜେଇ ବାସ୍ନା ବାରିପାରି ଖୋଳତାଡ଼ କରିବାରୁ ସେଥିରେ ଗୁପ୍ତ ଭାବେ ନିର୍ମିତ ବାକ୍ସରେ ୧୪ ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସ୍ଥାନୀୟ ତହସିଲଦାର ସଞ୍ଜୀବ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ ହୋଇଥିଲା। ଥାନା ଅଧିକାରୀ ମହେନ୍ଦ୍ର ସାହୁ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନେ ହେଲେ ଅମର ସିଂ (୩୫), ରବୀନ୍ଦ୍ର ସିଂ (୩୨), ଅମିତ କୁମାର (୨୪) । ସମସ୍ତଙ୍କ ଘର ଉତ୍ତରପ୍ରଦେଶରେ ବୋଲି ଜଣାପଡ଼ିଛି।

## ■ ଗଞ୍ଜେଇ ମାଫିଆଙ୍କ ସହ ଲିଙ୍କ୍ ପ୍ରସଙ୍ଗରେ ଦାବି

# ନେତାଙ୍କ ସମ୍ପତ୍ତି ଯାଞ୍ଚ କରୁ ଇଡି, କ୍ରାଇମବ୍ରାଞ୍ଚ

ଜୟପୁର,୧୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାର କେତେକ ନେତା ଓ ବିଧାୟକ ପ୍ରାର୍ଥୀ ଅସତ ଉପାୟରେ ସମ୍ପତ୍ତି ଠୁଳ କରୁଛନ୍ତି। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ନିର୍ଦ୍ଦେଶକ ଓ ରାଜ୍ୟ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିବାକୁ ଦାବି କରିଛି ଜିଲା ଯୁବ ସଂଗଠନ। ଇଡି ନିର୍ଦ୍ଦେଶକ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଡିଜି, କୋରାପୁଟ ଜିଲାପାଳ ଓ ଏସ୍‌ପିଙ୍କୁ ଏନେଇ ଦାବିପତ୍ର ମଧ୍ୟ ପଠାଯାଇଛି।

ଜିଲାରେ ଗଞ୍ଜେଇ ଚାଲାଣକାରୀଙ୍କ ସହ ରାଜନୈତିକ ବ୍ୟକ୍ତିଙ୍କ ହାତ ରହିଥିବା ଅଭିଯୋଗ କରିବା ସହ ସେମାନଙ୍କ ଗିରଫ ଦାବି କରିଛି ସଙ୍ଗଠନ। ପୋଲିସ କେଉଁ କାରଣରୁ ସେମାନଙ୍କୁ ଘଣ୍ଟ ଘୋଡ଼ାଉଛି ବୋଲି ଯୁବ ସଂଗଠନର ଆବାହକ ରବୀନ୍ଦ୍ର ମହାପାତ୍ର ପ୍ରଶ୍ନ କରିଛନ୍ତି। ତେଣୁ ସେ ଜିଲାର ସମସ୍ତ ବିଧାୟକ ପ୍ରାର୍ଥୀ, ନେତାଙ୍କ ଗତ ୧୨ ବର୍ଷର ପୂର୍ବରୁ ଏବଂ ବର୍ତ୍ତମାନ ବ୍ୟାଙ୍କଖାତା ଓ ସମ୍ପତ୍ତି ଯାଞ୍ଚ କରାଯିବା ପାଇଁ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଲାରେ ଗତ ଦୁଇ ସପ୍ତାହ ଭିତରେ ଦୁଇଟି ଥାନା ପକ୍ଷରୁ ଗଞ୍ଜେଇ ଜବତ କରାଯାଇଛି । ଏଥିରେ ଜୟପୁର ସଦରଥାନା ପକ୍ଷରୁ ଜଣେ ଜାତୀୟ ଦଳର ବିଧାୟକ ପ୍ରାର୍ଥୀଙ୍କ ସହଯୋଗୀ ଗିରଫ ହୋଇଥିଲେ। କିଛି ଦିନ ପୂର୍ବରୁ ଉକ୍ତ ବିଧାୟକ ପ୍ରାର୍ଥୀଙ୍କ ମାଲିକାନାରେ ରହିଥିବା ଘରୋଇ ବସ୍‌ରୁ ୨ଥର ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ରାୟଗଡ଼ାରୁ ଗଞ୍ଜେଇ ମିଳିଥିଲା। ଅନ୍ୟ ଏକ ମାମଲାରେ ମାଛକୁଣ୍ଡ ଥାନା ଉକ୍ତ ଦଳର ବିଧାୟକ ଟିକଟ ଆଶାୟୀ ଥିବା ଜଣେ ପ୍ରାର୍ଥୀଙ୍କ ଗଞ୍ଜେଇ ବୋଝେଇ କାର୍ ଜବତ କରିଥିଲା ପୋଲିସ। ତେଣୁ ନେତାଙ୍କ ସମ୍ପତ୍ତି ଓ ବ୍ୟାଙ୍କ ଜମାଖାତା ଯାଞ୍ଚ କରିବାକୁ ଦାବି କରିଛନ୍ତି ଯୁବ ସଂଗଠନର ରବୀନ୍ଦ୍ର ମହାପାତ୍ର, ସନ୍ତୋଷ ପୂଜାରୀ, ଜଗା ପାଇକରାୟ, ମାନସ ମହାନ୍ତି, ଏସ୍. ସାଗର, ରଘୁନାଥ ନାଗ, ଗଣେଶ୍ୱର ନାୟକ।

# ନିଯୁକ୍ତିଭିତ୍ତିକ ତାଲିମ, ପରାମର୍ଶ ଶିବିର

ବୋରିଗୁମ୍ମା,୧୩।୧୨(ଡି.ଏନ୍.ଏ.)



ଶିବିରରେ ମଞ୍ଚାସୀନ ଅତିଥିମାନେ ।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ଓରମାସ୍ ଦ୍ୱାରା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ଏକ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ, ସମ୍ମାନିତ ଅତିଥିଭାବେ ବିଡିଓ ପ୍ରଣୟ ରଞ୍ଜନ ବେହେରା, ଜିଲା ଜୀବିକା ମିଶନ ପରିଚାଳିକା ସୁସ୍ମିତା ସାମନ୍ତରାୟ, ଜିଲା କୌଶଳ ବିକାଶ ସଂଯୋଜକ ପ୍ରଶାନ୍ତ ଛତର, ବିପିଏମ୍ ବିଶାଳ ସୀମର ଦୁଃଖୀ ମଞ୍ଚାସୀନ ଥିଲେ। ଉକ୍ତ ଯୋଜନା ମାଧ୍ୟମରେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କ ପଶଇଁ କୌଶଳ ବିକାଶରେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ, ସେନେଇ ମତ ଉପସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ତାଲିମ ନେଇ କିପରି ରୋଜଗାରକ୍ଷମ ହୋଇପାରିବେ, ସେନେଇ ପରାମର୍ଶ ଦିଆଯାଇଥିଲା। ବ୍ଲକରୁ ୩୮୭ ଜଣ ଶିକ୍ଷିତ ଯୁବତୀ ଯୁବକ ନାମ ପଞ୍ଜିକରଣ କରିଥିବା ବେଳେ ୧୦ ଜଣ ପିଆଇଏଙ୍କ ଦ୍ୱାରା ତାଲିମ ନେଇଥିଲେ। ଶିବିରରେ ପଞ୍ଚାୟତସ୍ତରରେ ଏମ୍‌ବିକେ ଓ ସିଆର୍‌ପିମାନେ ଯୋଗ ଦେଇଥିବା ବେଳେ ଏସ୍‌ଡିସି ଦେବେନ୍ଦ୍ର କୁମାର ପଣ୍ଡା ଓ ବିଏଲ୍‌ସି ଫିରୋଜ ରମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୯ ମାସ ପରେ ପୁଅ, ପରିବାର ପାଖକୁ ଫେରିଲେ ଇନ୍ଦୁ

ଜୟପୁର,୧୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ସଦରସ୍ଥିତ ଦୀପ୍ତି ନିବାସର ଅନ୍ତେବାସୀ ଥିବା ଜଣେ ମାନସିକ ଅସୁସ୍ଥ ମହିଳା ସୁସ୍ଥ ହେବା ପରେ ଜୟପୁରସ୍ଥିତ ଜିଲା ଆଇନସେବା ପ୍ରାଧିକରଣ ତାଙ୍କୁ ତାଙ୍କ ଏକମାତ୍ର ପୁଅ ଓ ପରିବାରକୁ ଶୁକ୍ରବାର ହସ୍ତାନ୍ତର କରିଛି। ବୃଦ୍ଧା ମହିଳା ଜଣକ ହେଉଛନ୍ତି ଅନୁଗୁଳ ଜିଲା ରାଇଝରଣା ଗ୍ରାମ ଇନ୍ଦୁ ପ୍ରଧାନ (୬୫) । ଗତ ଜୁଲାଇ ୧୯ରେ ଜୟପୁର ସହରରେ ବୁଲୁଥିବା ଅବସ୍ଥାରେ କେତେକ ସ୍ୱେଚ୍ଛସେବୀ ସଂଗଠନ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ କୋରାପୁଟସ୍ଥିତ ସୁଧାର ଗୃହ ଦିପ୍ତି ନିବାସରେ ରଖାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ପରେ ମାନସିକ ଅବସ୍ଥା ସୁଧୁରିଥିଲା। ସେଠାରେ ଏକ କାର୍ଯ୍ୟକ୍ରମ ଅବସରରେ ଆଇନସେବା ପ୍ରାଧିକରଣ ଇନ୍ଦୁଙ୍କୁ ଠାବ କରିବା ପରେ ତାଙ୍କ ଠିକଣା ସନ୍ଧାନ କରିଥିଲା। ଅନୁଗୁଳ ଜିଲା ପ୍ରାଧିକରଣ ସଂପାଦକଙ୍କ ସହ କୋରାପୁଟ ପ୍ରାଧିକରଣ ସଂପାଦିକା ଲଳିତା ମଞ୍ଜରୀ ପଟ୍ଟନାୟକ ଆଲୋଚନା କରିବା ପରେ ବୃଦ୍ଧାଙ୍କୁ ତାଙ୍କ ପୁଅଙ୍କ ନିକଟରେ ଛାଡ଼ିବା ବ୍ୟବସ୍ଥା ହୋଇଥିଲା। ପ୍ରଥମେ ପୁଅ ଓ ବୋହୂ ତାଙ୍କୁ ନିଜ ପାଖରେ ରଖିବାକୁ ମନା କରିଦେଇଥିଲେ । ଉଭୟ ପ୍ରାଧିକରଣ ଅଧିକାରୀଙ୍କ ବୁଝାସୁଝା ପରେ ଇନ୍ଦୁଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟ ଗତ ଗୁରୁବାର ଜୟପୁରସ୍ଥିତ ଜିଲା ପ୍ରାଧିକରଣ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କୋରାପୁଟରୁ ଅପରାହ୍ନରେ ଇନ୍ଦୁଙ୍କୁ ଜୟପୁର ଅଣାଯାଇ ଆନୁଷଙ୍ଗିକ ପ୍ରକ୍ରିୟା ଶେଷ ହେବା ପରେ ପୁଅ ଗୋବିନ୍ଦ ପ୍ରଧାନଙ୍କୁ ହସ୍ତାନ୍ତର କରିଥିଲା ପ୍ରାଧିକରଣ। ଏହି ଅବସରରେ ପ୍ରାଧିକରଣ ସଂପାଦିକା ଲଳିତା ମଞ୍ଜରୀ ପଟ୍ଟନାୟକ, ପାରା ଲିଗାଲ କର୍ମୀ ସୋମନାଥ ମହାନ୍ତି ଉପସ୍ଥିତ ଥିଲେ।



ଇନ୍ଦୁଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରୁଛି ଆଇନସେବା ପ୍ରାଧିକରଣ ।

## ସଂକ୍ଷେପରେ



### ଭାଜପା ଜିଲା ସଭାପତି ଚୟନ ପାଇଁ ପ୍ରସ୍ତୁତି ବୈଠକ

**ମାଲକାନଗିରି,୧୩।୧୨ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଭାଜପା ପକ୍ଷରୁ ନୂତନ ସଭାପତି ଚୟନଲାଗି ଶୁକ୍ରବାର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ କର୍ମୀ ଓ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ବର୍ତ୍ତମାନର ସଭାପତି ଅଶୋକ ପରିଡାଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ରାଜ୍ୟ କାର୍ଯ୍ୟକାରଣି ସଦସ୍ୟ ସାମଲ ସୁନାନି, ବିଧାୟକ ପ୍ରତିନିଧି ଯୋଗ ଦେଇ ଜିଲା ସଭାପତି ଚୟନ ନେଇ ଆଲୋଚନା କରିଥିଲେ। ଆଲୋଚନାରେ ପ୍ରସ୍ତାବ ହୋଇଥିବା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ରାଜ୍ୟ ସଭାପତିଙ୍କୁ ଜଣାଇବା ପରେ ତାଙ୍କ ନାମ ଘୋଷଣା କରାଯିବ ବୋଲି ଜିଲା ପରିଷଦ ଅଧକ୍ଷ ପଡିଆମି କହିଛନ୍ତି।

### ଅରବିନ୍ଦ ପାଠଚକ୍ର ସମ୍ମିଳନୀ

ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ଏମ୍‌ଭି- ୩ ଶ୍ରୀ ଅରୋବିହାର ଅରବିନ୍ଦ ଆଶ୍ରମ ପରିସରରେ ସମର୍ପଣ ମଣ୍ଡଳ ପାଠଚକ୍ରର ତିନିଦିନିଆ ସମ୍ମିଳନୀ ଶୁକ୍ରବାର ଉଦ୍ ଘାଟିତ ହୋଇଛି। ପ୍ରାରମ୍ଭରେ ଶ୍ରୀଅରବିନ୍ଦ, ଶ୍ରୀମାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ମାତୃସଙ୍ଗୀତ ଗାନ କରିଥିଲେ। ବିଜୟାନନ୍ଦ ଦାସ ପାଠଚକ୍ର ସମ୍ପର୍କରେ ସୂଚନା ଦେଇଥିଲେ। ସୁରେଶ ଚନ୍ଦ୍ର ମିଶ୍ର ଉପକ୍ରମ ପାଠ କରିଥିଲେ। ସାମ୍ପ୍ରତିକ ସମୟରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରାସଙ୍ଗିକତା ସମ୍ପର୍କରେ ଭାଗିରଥୀ ମହାପାତ୍ର ଆଲୋଚନା କରିଥିଲେ। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଏକ ବିବର୍ତ୍ତିତ ଚେତନାର ଅଭିଯାନ ସମ୍ପର୍କରେ ରାଧାକାନ୍ତ ମିଶ୍ର ଆଲୋଚନା କରିଥିଲେ। ଅରବିନ୍ଦଙ୍କ ୫ଟି ସ୍ୱପ୍ନ ସମ୍ପର୍କରେ କୃଷ୍ଣଚନ୍ଦ୍ର ଘଡେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନୀଳମାଧବ ମିଶ୍ର ଓ ଦିଲୀପ କୁମାର ଓଝା ପରିଚାଳନା କରିଥିଲେ। ଆସନ୍ତା ୧୫ରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପାଠଚକ୍ରରେ ୨୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଏକାଠି ହେଲେ ୬ ବନ ସଂରକ୍ଷଣ ସମିତି ସଦସ୍ୟ

## ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ଚିନ୍ତା

**ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ପ୍ରାକୃତିକ ଜଙ୍ଗଲର ଅବକ୍ଷୟ, ମୂଲ୍ୟବାନ ଗଛସବୁ ବିଲୁପ୍ତ ହେବାରେ ଲାଗିଛି। ଏଥିସହ ବନ୍ୟଜନ୍ତୁଙ୍କ ସଂଖ୍ୟା ଦିନକୁ ଦିନ ଲୋପ ପାଉଛି। ଏହାକୁ ନେଇ ମାଲକାନଗିରି ଜିଲାର ୬ଟି ବନ ସଂରକ୍ଷଣ ସମିତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ଏବଂ ଅନ୍ୟାନ୍ୟ ବର୍ଗର ଲୋକମାନେ ଜଙ୍ଗଲ ଉପରେ ନିର୍ଭର କରି ଆସୁଛନ୍ତି। ଜଙ୍ଗଲ ନଷ୍ଟ ଏବଂ ବନ୍ୟଜନ୍ତୁଙ୍କ ବିଲୁପ୍ତି ଯୋଗୁ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଫଳରେ ଆଦିବାସୀମାନଙ୍କ ଜୀବନ ଜୀବିକା ଉପରେ ବିପଦ ସୃଷ୍ଟି ହୋଉଛି। ଏହାକୁ କିପରି ରୋକାଯାଇପାରିବ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ଅଭିବୃଦ୍ଧି ଘଟିବ ସେନେଇ ଜିଲାର ଜଦୁଗୁଡା, କଣ୍ଡେଲି, ତଣ୍ଡାପାଲି, ଉଡୁପା, ମୁରିଆପାଲି, ଝରାପାଲିର ୬ଟି ବନ ସଂରକ୍ଷଣ ସମିତିର ୬ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଶୁକ୍ରବାର କଣ୍ଡେଲିଠାରେ ଏକାଠି ହୋଇଥିଲେ। ରାଜ୍ୟ ବନ ଉନ୍ନୟନ ସଂସ୍ଥା ଏବଂ ମାଲକାନଗିରି ବନାଞ୍ଚଳ ପକ୍ଷରୁ ଆୟୋଜିତ ଏକ ସଚେତନତା



ବୈଠକରେ ଉପସ୍ଥିତ ବନ ସଂରକ୍ଷଣ ସମିତିର ସଦସ୍ୟମାନେ।

କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ହୋଇଥିଲେ। ଏଥିରେ ମାଲକାନଗିରି ବନଖଣ୍ଡର ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ବନ ଉନ୍ନୟନର ଜିଲା ସଂଯୋଜକ ପି. କିଶୋର କୁମାର, ସଦସ୍ୟ ଶ୍ରୀନିବାସ ପାତ୍ର, ପଦ୍ମଗିରିର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ନାୟକ, କୃଷ୍ଣ ମାଡକାମିଙ୍କ ସହ ୬ଟି ବନ ସଂର କ୍ଷଣ ସମିତିର ସଭାପତି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସ୍ଥିତିରେ କିପରି ଜଙ୍ଗଲର ସୁରକ୍ଷା ଅଭିବୃଦ୍ଧି ହୋଇପାରିବ, ବନ୍ୟଜନ୍ତୁମାନେ ସୁରକ୍ଷିତ ରହିପାରିବେ, ବୃକ୍ଷରୋପଣ ସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବନଜୀବିକା ଉପରେ ସହକାରୀ ବନ ସଂରକ୍ଷକ ନାୟକ ଆଲୋକପାତ କରିଥିଲେ । ଜଙ୍ଗଲରେ ନିଆଁ ଲାଗିଲେ ବନ ସଂରକ୍ଷଣ ସମିତିର ଭୂମିକା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରି, ବାଉଁଶ ଜଙ୍ଗଲର ଅଭିବୃଦ୍ଧି, ବାଉଁଶ କାରିଗରଙ୍କୁ ପ୍ରୋତ୍ସାହନ ସମ୍ପର୍କରେ ବନ ଉନ୍ନୟନ ସଂଯୋଜକ ପି. କିଶୋର କୁମାର ବକ୍ତବ୍ୟ ରଖିଥିଲେ।

■ ମାଲକାନଗିରି ଟ୍ରେଜେରି କର୍ମଚାରୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ

## ଜଣେ ମୃତ, ୫ ପୋଲିସ ସମେତ ୮ ଆହତ

**ଛତ୍ରପୁର,୧୩।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଜଗନ୍ନାଥପୁର ଜାତୀୟ ରାଜପଥ ସମ୍ମୁଖ ଏକ ଢାବା ନିକଟରେ ଶୁକ୍ରବାର ଭୋର୍‌ରେ ଏକ ହାଇୱା ପଛରେ ଟ୍ରାଭେଲର୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୫ ପୋଲିସ କର୍ମଚାରୀଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଦୁର୍ଘଟଣାଗ୍ରସ୍ତ ଟ୍ରାଭେଲର ମାଲିକଙ୍କ ଭଣଜା ତଥା ମାଲକାନଗିରିଜିଲା ଏମ୍‌ଭି-୯୧ର ସୌରଭ ବେପାରୀ। ଆହତମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।ପ୍ରକାଶ ଯେ, ମାଲକାନଗିରି ଜିଲା ଟ୍ରେଜେରୀ ଅଫିସ୍ କର୍ମଚାରୀ ଷ୍ଟାମ୍ପ ପେପର ଆଣିବା ପାଇଁ ଟ୍ରାଭେଲର (ନଂ.ଓଡି୦୫ଏଏନ୍୧୯୪୮)ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସୁରକ୍ଷା ପାଇଁ ୫ ପୋଲିସ କର୍ମଚାରୀ ମଧ୍ୟ ଉକ୍ତ ଗାଡ଼ିରେ ଥିଲେ । ଭୋର୍‌ରେ ଚାଳକ ଭାରସାମ୍ୟ ହରାଇବାରୁ ଜଗନ୍ନାଥପୁର ନିକଟ ଏକ ଢାବା ସମ୍ମୁଖ ଜାତୀୟ ରାଜପଥରେ ଠିଆ ହୋଇଥିବା ହାଇୱା ପଛରେ ଟ୍ରାଭେଲରଟି ପିଟି ହୋଇଯାଇଥିଲା। ଫଳରେ ସେଥିରେ ଥିବା ସୌରଭ, ଟେଜରୀ ଅଫିସର ୩ କର୍ମଚାରୀ ଏବଂ ୫ ପୋଲିସ ଆହତ ହୋଇଥିଲେ। ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ସୌରଭଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଟ୍ରେଜରୀ ଅଫିସର ଜଣେ କର୍ମଚାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଚମାଖଣ୍ଡି ଥାନା ପୋଲିସ ମାମଲା (ନଂ.୧୬୬/୧୯) ରୁଜୁ କରିଛି।

## ଏମ୍‌ପିଭି-୪୩ରେ ଶ୍ୟାମାକାଳୀ ପୂଜା ଆରମ୍ଭ

**ଏମ୍ ଭି ୭୯,୧୩।୧୨(ଡି.ଏନ.ଏ.)**

କାଲିମେଲା ବ୍ଲକ ଅନ୍ତର୍ଗତ ଏମପିଭି-୪୩ ଗ୍ରାମରେ ମା' ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ଏହି ଗ୍ରାମର ପ୍ରାୟ ୩୦ପରିବାରଙ୍କ ସହଯୋଗରେ ୭ଦିନ ଧରି ଏହି କାଳୀ ପୂଜା ପ୍ରତିବର୍ଷ ହୋଇଥାଏ । ଉକ୍ତ କାଳୀପୂଜାରେ ପ୍ରାୟ ୭ ଦିନ ହେବ ମା ଶ୍ୟାମା କାଳୀ ପୂଜା ପାଇଥାନ୍ତି । ଆଖପାଖ ଗ୍ରାମର ବହୁ ବଙ୍ଗୀୟ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ପୂଜା ଦେଖିବାକୁ ଆସିଥାନ୍ତି । ରଙ୍ଗୀନ ଆଲୋକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବହୁ ଭିଡ ହୋଇଥାଏ।



ପୋଡ଼ି ଯାଇଥିବା ଧାନଖଳା।

## ଧାନ ଖଳାରେ ଅଗ୍ନିକାଣ୍ଡ

**ପଡିଆ, ୧୩।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା ପଡିଆ ସଦର ମହକୁମାସ୍ଥିତ ଖ୍ରୀଷ୍ଟିଆନସାହିର ଚାଷୀ ଜାନରାଜୁ ନାରା ଅମଳ କରି ଖଳାରେ ନିଆଁ ଲାଗି ଧାନ ସବୁ ନଷ୍ଟ ହୋଇଯାଇଛି। ଫଳରେ ତାଙ୍କର ସବୁ ଧାନ ପୋଡି ପାଉଁଶ ହୋଇଯାଇଛି। ପଡିଆଠାରୁ ୨୫୦୦ମିଟର ଦୂର ପାମଗେଟା ରାସ୍ତା କଡରେ ଥିବା ନିଜ ଚାଷଜମି ପାଖରେ ଧାନଖଳା କରି ସେ ଧାନ ରଖିଥିଲେ। ସେହି ଖଳାରୁ ଟ୍ରାକ୍ଟର ଯୋଗେ ଅଧା ଧାନମଣ୍ଡିକୁ ନେଇଥିଲେ। ଆଉ ଅଧା ଘରକୁ ଆଣିବାକୁ ଗାଡି କରିଥିଲେ। ମାତ୍ର ଶୁକ୍ରବାର ମଧ୍ୟାହ୍ନରେ ହଠାତ ତାଙ୍କ ଖଳାରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏବେ ଋଣ କିପରି ଶୁଝିବେ ଜାନରାଜୁ ଚିନ୍ତାରେ ପଡିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

■ ମେଟାଲ ବିଛାଇ ୪ ମାସ ବିତିଲା

# ପିଚୁ କରିବା ନାଁ ଧରୁନି ବିଭାଗ

**ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)**

ମାଲାକନଗିରି ପୌର ପରିଷଦ ମଧ୍ୟରେ ଥିବା ସୁବାଷ ବୋଷ ଛକଠାରୁ ଦୈନିକ ବଜାର, ପୁରୁଣା ଥାନା ଏବଂ ନୂଆ ଷ୍ଟେଟ ବ୍ୟାଙ୍କ ରାସ୍ତା ଗତ ୪ମାସ ତଳେ ମେଟାଲ ବିଛା ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେହି ରାସ୍ତାରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଫଳରେ ଏହି ରାସ୍ତାରେ ପ୍ରବଳ ଧୂଳି ଉଡୁଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଦୈନିକ ବଜାର, ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ, ଚିଦାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏସ୍‌ଡିପିଓ ଅଫିସ, ଜେଲ ସହ ଜେଲସାହି, ଚିଦାନନ୍ଦ ସାହି, ଧୋବାସାହି, କୁମ୍ଭାର ସାହକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା। ମେଟାଲ ଉପରେ ବିଛା ଯାଇଥିବା କ୍ରସର ଗୁଣ୍ଡ ଏବଂ ମୋରମ ଶୁଖି ଧୂଳି ହୋଇ ଏପରି ପରିସ୍ଥିତି ସୃଷ୍ଟି କରିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପିଚୁ କାର୍ଯ୍ୟ ଶୀଘ୍ର ଆରମ୍ଭ କରା ନ ଗଲେ ଟାଉନ୍ କ୍ଲବ, ବଜାର କମିଟି, ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଶାନ୍ତନୁ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ବିଷୟରେ ସମ୍ପୃକ୍ତ ଠିକାଦାରଙ୍କୁ ତୁରନ୍ତ ପିଚୁ ପକାଇବା ପାଇଁ କୁହାଯାଇଛି। ୨/୩ ଦିନ ମଧ୍ୟରେ ପିଚୁ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।



ମେଟାଲ ଉଠିଯାଇଥିବା ରାସ୍ତା।

## ବଣ୍ଡା ଆଦିବାସୀଙ୍କ ଫଟୋ ଉଠାଇ ଅର୍ଥ ଉପାର୍ଜନ ପାଇଁ ଉଦ୍ୟମ

**ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)**



ତେଲେଙ୍ଗାନା ଖାମାମର ଏକ ସଂସ୍ଥା ପକ୍ଷରୁ ମାଲକାନଗିରି ଜିଲାର ଆଦିବାସୀ ଅଧୁଷିତ ବଣ୍ଡା ସମ୍ପ୍ରଦାୟର ଏକ କର୍ମଶାଳା କରାଯିବ ବୋଲି ୱେବ୍ ସାଇଟରେ ଫଟୋ ଛଡାଯାଇଛି। ଚଳିତ ମାସ ୧୦ ତାରିଖ ପରେ ଦୁଇଦିନିଆ ରାତ୍ର ରହଣି ସହ ଜଣଙ୍କ ପିଛା ୧୨ରୁ୧୫ ହଜାର ଟଙ୍କା ଖର୍ଚ୍ଚ କରାଯିବା ଲାଗି ଏଥିରେ ଉଲ୍ଲେଖ ରହିଛି। ତେବେ ମାଲକାନଗିରିର ବଣ୍ଡା ସମ୍ପ୍ରାଦାୟର ଫଟୋ ଉଠାଇବା ନେଇ କଟକଣା ରହିଛି। ଫଟୋ ଉଠାଇବା ପାଇଁ ଜିଲା ପ୍ରଶାସନର ଅନୁମତି ଲୋଡା। ଏପରି ସ୍ଥଳେ ଏହି ସଂସ୍ଥା ବଣ୍ଡାଘାଟିରେ ବଣ୍ଡା ଆଦିବାସୀଙ୍କୁ ନେଇ କିପରି ଏଭଳି ବ୍ୟବସାୟ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସଂସ୍ଥା ମାଲକାନଗିରି ଜିଲା ଦେଇ ନ ଯାଇ ପଡୋଶୀ କୋରାପୁଟର ଅନକାଡେଲି ଦେଇ ଜୋଡାମ୍ବ ଓ ମୁଦୁଲିପଡା ଯାଉଥିବାରୁ ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ଯିବା ପାଇଁ ଆଉ ଅନୁମତି ଆବଶ୍ୟକ ପଡୁନି। ଜିଲା ପ୍ରଶାସନ ଏହି ସଂସ୍ଥାଗୁଡିକ ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଏହି ସଂସ୍ଥା ଦ୍ୱାରା ଅନେକ ବଣ୍ଡା ଯୁବତୀ ବିଦେଶ ଏବଂ ରାଜ୍ୟ ବାହାରକୁ ଚଲାଣ ହେବାର ସମ୍ଭାବନା ରହିଛି।

## ବିଡିଓଙ୍କୁ ବଦଳି ଦାବିରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ପତ୍ର

**ଖଇରପୁଟ,୧୩।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବିଡିଓ ବିଶ୍ୱଜିତ୍ ବର୍ମନଙ୍କ ବିରୋଧରେ ଦୁର୍ନୀତି ଓ ଲୋକ ପ୍ରତିନିଧିଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ହୋଇଛି। ତାଙ୍କୁ ଏହି ବ୍ଲକରୁ ତୁରନ୍ତ ବଦଳି କରିବାକୁ ବ୍ଲକର ଲୋକ ପ୍ରତିନିଧିମାନେ ଦାବି କରିଛନ୍ତି। ଶୁକ୍ରବାର ସେମାନେ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଏକ ପତ୍ର ଦେଇଛନ୍ତି। ବିଡିଓ ବର୍ମନ ଏହି ବ୍ଲକରେ ଯୋଗଦେବା ପରଠାରୁ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି। ପ୍ରତିଦିନ ସେ ବ୍ଲକ କାର୍ଯ୍ୟାଳୟକୁ ଦିନ ୧୨ଟାରେ ଆସି ୩ଟାରେ ଚାଲିଯାଉଛନ୍ତି। ଫଳରେ ଦୂରଦୁରାନ୍ତରୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ବିଡିଓଙ୍କ ପାଇଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ଠିକ୍ ସମୟରେ ହୋଇପାରୁ ନାହିଁ। ଏପରିକି ପଞ୍ଚାୟତ ସମିତି ବୈଠକକୁ ମଧ ସେ ବିଳମ୍ବରେ ଆସୁଥିବା ଅଭିଯୋଗ ହେଉଛି। ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଏପରିକି ସେ ବ୍ଲକ ଅଧକ୍ଷାଙ୍କୁ ମଧ ଦୁର୍ବ୍ୟବହାର କରିଥିବା ନଜିର ରହିଛି । ପ୍ରତ୍ୟେକ କାମ ପାଇଁ ସେ ଅର୍ଥ ମାଗୁଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ତୁରନ୍ତ ବର୍ମନଙ୍କୁ ଏଠାରୁ ବଦଳି କରିବାକୁ ଲୋକ ପ୍ରତିନିଧିମାନେ ଦାବି କରିଛନ୍ତି। ଏହାର ଏକକିତା ନକଲ ଚିତ୍ରକୋଣ୍ଡା ବିଧାୟକ, ନବରଙ୍ଗପୁର ଏମ୍‌ପି, ପଞ୍ଚାୟତିରାଜ ବିଭାଗ ସଚିବ, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

